# D.A.V. PUBLIC SCHOOLS,BHUBANESWAR

## TERM-II EXAMINATION (2019-20)

## CLASS-IV

## SUBJECT-ODIA

**TIME-2 HOURS** **MAXIMUM MARKS-50**

ସାଧାରଣ ସୂଚନା :

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନପତ୍ରରେ ସମୁଦାୟ ୪ଟି ବିଭାଗ ଓ ୫ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଲେଖ ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର ।

### 'କ'ବିଭାଗ

୫x୧=୫

୧. ଅନୁଚ୍ଛେଦଟି ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ବେଦ ଭାରତୀୟ ସଂସ୍କୃତିର ମୂଳାଧାର । ବିଶ୍ୱଭ୍ରାତୃତ୍ୱର ମୂଳମନ୍ତ୍ର,ସାର୍ବଜନୀନ ବିଚାରଧାରାର ପ୍ରଥମ ଉତ୍ସ । ଶାସ୍ତ୍ରକାରମାନେ ବେଦର ପ୍ରଶଂସା କରିବାକୁ ଯାଇ କହିଛନ୍ତି, ବିଶ୍ୱରେ ଯାହା ହୋଇଯାଇଛି, ହେଉଅଛି ଓ ହେବ ତାହାର ମୂଳ ଉତ୍ସ ହେଉଛି ବେଦ । ବେଦ ଆଜି ବିଜ୍ଞାନ । ମାନବୀୟ ସଭ୍ୟତା ଓ ସଂସ୍କୃତିର ମାର୍ଗ ଦର୍ଶନ କ୍ଷେତ୍ରରେ ବେଦର ଅବଦାନ ଅନସ୍ୱୀକାର୍ଯ୍ୟ । ସେଥିପାଇଁ ଏହାକୁ ବ୍ୟାକରଣ ଅନୁସାରେ 'ବିଜ୍ଞାନ' ଅର୍ଥାତ୍ ବିଶେଷ ଜ୍ଞାନ ଓ ବ୍ୟାପକ ଜ୍ଞାନ ଭାବରେ ଗ୍ରହଣ କରାଯାଇଥାଏ । ତେଣୁ ବେଦ ବିଜ୍ଞାନ ସମ୍ବଳିତ ରଚନା । ବେଦ ଭାରତୀୟ ଧର୍ମ,ସଂସ୍କୃତି,ସଭ୍ୟତା, ଜ୍ଞାନ ଓ ବିଜ୍ଞାନର ଭଣ୍ଡାର । ସଂସ୍କୃତ ଭାଷାର ଏହି ପ୍ରାଚୀନତମ ଗ୍ରନ୍ଥ ମନୁଷ୍ୟର ଉନ୍ନତି ନିମନ୍ତେ ନିଜର ଜ୍ଞାନ ସମ୍ପଦ ଦ୍ୱାରା ଦିବ୍ୟ ଆଲୋକ ସ୍ତମ୍ଭ ପରି କାମ କରେ । ହଜାର ହଜାର ବର୍ଷ ପୂର୍ବରୁ ଲତା ଓ ବୃକ୍ଷମାନଙ୍କର ଉପଯୋଗିତା ତଥା ଦ୍ରବ୍ୟ ଗୁଣର ଅବ୍ୟର୍ଥ ଔଷଧ ବେଦରେ ବର୍ଣ୍ଣିତ ହୋଇଛି । ବର୍ତ୍ତମାନ ଏସବୁର ଗୁଣ ସମ୍ପର୍କରେ କୋଟିକୋଟି ଅର୍ଥ ବ୍ୟୟରେ ଏହି ତଥାକଥିତ ବିଜ୍ଞାନୀମାନେ ଯେଉଁ ତଥ୍ୟ ପ୍ରଦାନ କରୁଛନ୍ତି ,ବୈଦିକ ମନ୍ତ୍ରଦ୍ରଷ୍ଟା ଋଷି ତାହା ବହୁ ପୂର୍ବରୁ ଜାଣି ପାରିଥିଲେ ।

କ) ଭାରତୀୟ ସଂସ୍କୃତିର ମୂଳାଧାର କ'ଣ?

ଖ) ଶାସ୍ତ୍ରକାରମାନେ ବେଦର ପ୍ରଶଂସା କରିବାକୁ ଯାଇ କ'ଣ କହିଛନ୍ତି?

ଗ) କେଉଁ କ୍ଷେତ୍ରରେ ବେଦର ଅବଦାନ ଅନସ୍ୱୀକାର୍ଯ୍ୟ?

ଘ) ବେଦ କେଉଁ ଭାଷାରେ ରଚିତ ?

ଙ) 'ଗଛ' ଶବ୍ଦର ପ୍ରତିଶବ୍ଦ ଅନୁଚ୍ଛେଦରୁ ବାଛି ଲେଖ ।



Scanned by CamScanner

## 'ଖ'ବିଭାଗ

୧x୪ =୪

୨. ଦରଖାସ୍ତ କିମ୍ବା ପତ୍ର ଲେଖ ।

ତୁମ ଅଞ୍ଚଳରେ ବାରମ୍ବାର ହେଉଥିବା ବିଦ୍ୟୁତକାଟର ନିରାକରଣ ପାଇଁ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଦରଖାସ୍ତ ଲେଖ ।

କିମ୍ବା

ତୁମେ ବୁଲି ଯାଇଥିବା ଏକ ଦର୍ଶନୀୟ ସ୍ଥାନ ବିଷୟରେ ବର୍ଣ୍ଣନା କରି ଜେଜେଙ୍କ ନିକଟକୁ ପତ୍ର ଲେଖ ।

## 'ଗ'ବିଭାଗ

୩x୧=୩

୩. କ) କ୍ରିୟା ପଦ ବାଛି ଲେଖ ।

i) ଚଢେଇମାନେ ବିଲବାଡ଼ିରୁ ପୋକ ଖାଆନ୍ତି ।

ii) ପକ୍ଷୀମାନେ ଆନନ୍ଦରେ ଉଡୁଛନ୍ତି ।

iii) ଜଣେ ଭଦ୍ରଲୋକ ରେଳଗାଡ଼ିରେ ଯାଉଥିଲେ ।

ଖ) 'ଥୁରୁଥୁରୁ' ପରି ତିନୋଟି ଯୋଡ଼ା ଶବ୍ଦ ଲେଖ । ୩x୧=୩

ଗ) ବିପରୀତ ଅର୍ଥବୋଧକ ଶବ୍ଦ ବାଛି ଲେଖ । ୩x୧=୩

i) ଅପକାର - (ଆକାର,ଉପକାର, ସୁନ୍ଦର, ଅପକାରିତା)

ii) କୃତ୍ରିମ - ( ପ୍ରାକୃତିକ, ଅପ୍ରାକୃତିକ,କର୍ମ, ପ୍ରକୃତି )

iii) ମନ୍ଦ - (ଖରାପ, ପସନ୍ଦ,ଭଲ, ଆନନ୍ଦ)

ଘ) ଏକପଦରେ ପ୍ରକାଶ କର ।

୨x୧=୨

i) ଯେଉଁମାନେ ସ୍ଥଳରେ ବିଚରଣ କରନ୍ତି ।

ii) ଯେଉଁ ବଣ ଗୋଟିଏ କୁହୁକ ରାଜ୍ୟ ପରି ଲାଗେ ।

ଙ) ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଗଦ୍ୟରୂପ ଲେଖ ।

i) ସେନେହମୟୀ ii) ମରମ ୨x୧=୨

ଚ) ନିମ୍ନଲିଖିତ ଶବ୍ଦଗୁଡିକର ନୂତନ ରୂପ ଲେଖ ।

i) ଜାତି ii) ବର୍ଷ ୨x୧=୨

Scanned by CamScanner

## 'ଘ'ବିଭାଗ

୪. କ) ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣକର । ୩x୧=୩

i) ଜିଆ________ର ବନ୍ଧୁ ।(କୃଷକ, ଦେବତା, ବାନର, ଅନ୍ଧ )

ii) ଭିତରକନିକାର ________ଦିଗରେ ସମୁଦ୍ର କୂଳରେ ଗହୀରମଥା ବେଳାଭୂମି ଅବସ୍ଥିତ । ( ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ )

iii) ଯତ୍ନଶୀଳ ଓ ଦାୟିତ୍ୱବାନ ଲୋକ ଜୀବନରେ କେବେ________ନାହିଁ । ( ବଡ଼ ହୁଏ, ହାରିଯାଏ, ସୁଖୀ ହୁଏ,ଛୋଟ ହୁଏ )

ଖ) ନିମ୍ନରେ ଦିଆଯାଇଥିବା ଶବ୍ଦ ଗୁଡ଼ିକର ଅର୍ଥ ଲେଖ । ୩x୧=୩

i) ଗନ୍ତାଘର ii) ଗହନ iii) ଦୁର୍ଲ୍ଲଭ

ଗ) ବାକ୍ୟ ଗଠନ କର । ୩x୧=୩

i) ସୋହାଗ ii) ରମଣୀୟ iii) କ୍ଷେତବାଡ଼ି

ଘ) ଯୋଗକର । ୬x୦.୫=୩

| 'କ' | 'ଖ' |
|---|---|
| ଝଙ୍କାଳିଆ | ମାଡ଼ |
| ସୁବିଶାଳ | ବରଗଛ |
| ଜାତିଜାତି | ସମୁଦ୍ର |
| ହାବୁକା | ଫଳ |
| ମନୋହର | ନଡ଼ା |
| ଲୁଣା | ପଳାଶଫୁଲ |
| | ଜଙ୍ଗଲ |

ଙ) କବିତାଂଶଟି ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଲେଖ । ୩x୧=୩

ଏଡ଼େ ମନଲୋଭା ପୁନେଇଁ ଜହ୍ନ ମୁଁ
ନ ହେଲେ ପଛକେ ନାହିଁ
ଛୋଟ ହେଲେ ହେଉ ମାଟି ଦୀପଟିଏ
କରିଦିଅ ମୋତେ ସାଇଁ
ଜଳିଜଳି ଯାଉ ସଳିତାଟି ମୋର
ଅନ୍ଧାରେ ଆଲୋକ ଦେଇ
ପରହିତେ ଯିଏ ଜୀବନଟା ଦିଏ
ଜଗତରେ ଧନ୍ୟ ସେଇ ।

Scanned by CamScanner

i) ଜଗତରେ କିଏ ଧନ୍ୟ ଅଟେ ?

ii) କବି କାହିଁକି ମାଟି ଦୀପଟିଏ ହେବାକୁ ଚାହିଁ ଛନ୍ତି?

iii) କିଏ ମନଲୋଭା ଅଟେ?

୫. କ) ଯେକୌଣସି ୪ ଟି ପ୍ରଶ୍ନର ଉତ୍ତର ଲେଖ । ୪x୨=୮

i) କୌଣସି ଜିନିଷକୁ ସାଇତି ରଖିଲେ ଆମର କି କି ଉପକାର ହୋଇଥାଏ?

ii) ଶୁଆଶାରୀ ଦୁହେଁ ଆନନ୍ଦରେ ଉଡ଼ିଗଲେ କାହିଁକି?

iii) ପରିଶ୍ରମ କରିବା ଦ୍ୱାରା ଅଜାଙ୍କର କି ଉପକାର ହେଉଥିଲା?

iv) ଭିତରକନିକାକୁ ମଟର ଲଞ୍ଚରେ ଗଲାବେଳେ କେଉଁ ଦୃଶ୍ୟ ଅତି ସୁନ୍ଦର ଲାଗେ ?

v) ମାଟି ମା' ଆମକୁ କ'ଣ କ'ଣ ଦେଇଛି ?

vi) କବି ବରଗଛ ନ ହୋଇ କି ଗଛ ହେବାକୁ ମନ କରିଛନ୍ତି ଓ କାହିଁକି?

ଖ) ଯେକୌଣସି ଗୋଟିଏ ମୂଲ୍ୟବୋଧଭିତ୍ତିକ ପ୍ରଶ୍ନର ଉତ୍ତର ଲେଖ । ୧x୨=୨

ମହୁମାଛି କେଉଁ ମହତ କାର୍ଯ୍ୟ କରିଥାଏ ?ଏଥିରୁ ତୁମେ କି ଶିକ୍ଷା ଲାଭ କରୁଛ ?

କିମ୍ବା

ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ସରକାର କି ବ୍ୟବସ୍ଥା-କରିଛନ୍ତି ଓ କାହିଁକି ?

******

Scanned by CamScanner